بسم الله الرحمٰن الرحيم

**ଖୁତବା ଜୁମା ୨୯ ମଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

***ଜମାଅତ୍‌ର ଖିଲାଫତ୍ ସହିତ ଏବଂ ଖଲିଫାଙ୍କର ଜମାଅତ୍ ସହିତ ଯେଉଁ ସଂପର୍କ ରହିଛି, ତାହା ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହାନୁଭୂତିର ପ୍ରମାଣ ଅଟେ ।***

***ଜମାଅତ୍‌ର ଏକତା ଏବଂ ଅଖଣ୍ଡତା ତଥା ଉନ୍ନତିର ପ୍ରତିଭୂତି ଏହି (ନିବିଡ଼) ସଂପର୍କ ଅଟେ । ଏବଂ ଏହା ହିଁ ହଜରତ ମସିହ୍ ମଉଦ୍ ଅ.ସଙ୍କ ସହିତ ଅଲ୍ଲାଃତାଲାଙ୍କର ଯେଉଁ ସାହାଯ୍ୟ, ସହାନୁଭୂତି ରହିଥିଲା ଏବଂ ଜମାଅତେ ଅହେମଦିୟାର ସତ୍ୟ ହେବାର ଦଲିଲ୍ ।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲାଙ୍କ ପ୍ରତିଶୃତି ଆନୁଯାୟୀ ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଖିଲାଫତ୍‌ର ମୂଳଦୁଆ ପଡ଼ିଲା ଏବଂ କେବଳ ଏକ ବ୍ୟବସ୍ଥାର ଜାରି କରିଦେବା କୌଣସି ବଡ଼ କଥା ନୁହେଁ । ଯେପର୍ଯ୍ୟନ୍ତ ଉପସ୍ଥିତ ଖଲିଫାଙ୍କ ସହିତ ଏବଂ ଜମାଅତ୍‌ର ସଦସ୍ୟଙ୍କ ମଧ୍ୟରେ ନିଷ୍ଠା, ବିଶ୍ୱସ୍ତତା ଏବଂ ଶ୍ରଦ୍ଧା ତଥା ମିତ୍ରତାର ସଂପର୍କ ଜାତ ହୋଇ ନାହିଁ । ତେଣୁ ଏହି ସଂପର୍କ କେବଳ ଅଲ୍ଲାଃତାଲା ସୃଷ୍ଟି କରିପାରିବେ । କୌଣସି ମନୁଷ୍ୟ କିମ୍ବା ମାନବକୃତ ଚେଷ୍ଟା ଉକ୍ତ ସଂପର୍କକୁ ନା ସୃଷ୍ଟି କରିପାରିବ ଓ ନା ବଜାୟ ରଖି ପାରିବ ଏବଂ ଜମାଅତ୍‌ର ଏକତା ଓ ଅଖଣ୍ଡତା ତଥା ଉନ୍ନତିର ପ୍ରତିଭୂତି ଏହି ସଂପର୍କ ହିଁ ଅଟେ ଏବଂ ତାହା ଅଲ୍ଲାଃତାଲାଙ୍କର ପ୍ରତିଶୃତିର ପୂର୍ଣ୍ଣ ହେବା ଏବଂ ହଜରତ ମସିହ୍ ମଉଦ୍ ଅ.ସଙ୍କ ସହିତ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗ ଏବଂ ସିଲ୍‌ସିଲା ଅହେମଦିୟାର ସତ୍ୟ ହେବାର ଦଲିଲ୍ ଅଟେ । ଜମାଅତ୍‌ର ସଦସ୍ୟଙ୍କର ଖିଲାଫତ୍ ସହିତ ଯେଉଁ ସଂପର୍କ ରହିଛି, ଯହିଁରେ ପୁରୁଣା ଅହେମଦି ଓ ନୂତନ ଅହେମଦି, ଯୁବକ, ପିଲା, ଆବାଳ ବୃଦ୍ଧବନୀତାମାନେ ମଧ୍ୟ ଏବଂ ଅନତି ଦୂରରେ ବସବାସ କରୁଥିବା ଅହେମଦିମାନେ ମଧ୍ୟ ଯେଉଁମାନେ କେବେ ଖଲିଫାଙ୍କୁ ଦେଖି ନାହାନ୍ତି ସେମାନେ ସମସ୍ତେ ଏଥିରେ ସାମିଲ୍ ଅଟନ୍ତି । କିନ୍ତୁ ଏମାନେ ସମସ୍ତେ ହେଉଛନ୍ତି ସେହି ଲୋକ ଯେଉଁମାନେ ନିଷ୍ଠା ଏବଂ ବିଶ୍ୱସ୍ତତାରେ ଆଗକୁ ଅଗ୍ରସର କରି ଚାଲିଛନ୍ତି ଏବଂ ଅଗ୍ରସର ହେବା ପାଇଁ ଆପ୍ରାଣ ଚେଷ୍ଟା ମଧ୍ୟ କରୁଛନ୍ତି । ଯେତେବେଳେ ସେମାନଙ୍କ ନିକଟରେ ଖଲିଫାଙ୍କ ବାର୍ତ୍ତା ପହଁଞ୍ଚେ ସେତେବେଳେ ସେମାନେ ଏହା ଉପରେ ଅନୁକରଣ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଥାଆନ୍ତି । ଏମାନେ ପ୍ରେମ ଓ ନିଷ୍ଠାର ପରିପ୍ରକାଶ ଏଭଳି ଭାବରେ କରନ୍ତି ଯାହାକୁ ଦେଖି ଆଶ୍ଚର୍ଯ୍ୟଚକିତ ହେବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ଏହି ସମସ୍ତ କଥା ଅଲ୍ଲାଃତାଲାଙ୍କର ପ୍ରତିଶୃତିକୁ ପୂର୍ଣ୍ଣହେବାର ବ୍ୟବହାରିକ ସାକ୍ଷ୍ୟ ଏବଂ ଜମାଅତ୍‌ର ଉନ୍ନତି ସହିତ ମଧ୍ୟ ଏହା ଜଡ଼ିତ । ଜମାଅତ୍‌ର ଖିଲାଫତ୍ ଏବଂ ଖଲିଫାଙ୍କର ଜମାଅତ୍ ସହିତ ଯେଉଁ ସଂପର୍କ ରହିଛି, ତାହା ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗ ତଥା ସହାନୁଭୂତିର ପ୍ରମାଣ ଅଟେ

ଏବଂ ଏଗୁଡ଼ିକ କେବଳ କଥା ନୁହେଁ ବରଂ ହଜ଼ାରରୁ ଊର୍ଦ୍ଧ୍ୱ ଏଭଳି ଘଟଣା ରହିଛି ଯେଉଁଠି ଜମାଅତ୍‌ର ସଦସ୍ୟ ଉକ୍ତ କଥା ପରିପ୍ରକାଶ କରନ୍ତି । ଯଦି ସେହି ଘଟଣାଗୁଡ଼ିକୁ ଏକତ୍ରିତ କରାଯାଏ ତେବେ ଅନେକ ସ୍ଥୂଳ ଗ୍ରନ୍ଥଖଣ୍ଡ ପ୍ରସ୍ତୁତ ହୋଇଯିବ ।

ବିରୋଧୀମାନେ ତ' ଭାବୁଥିଲେ ଯେ, ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଏହି ସଂପ୍ରଦାୟର ଅବସାନ ଘଟିବ । କିନ୍ତୁ ଜମାଅତ୍‌ର ସଦସ୍ୟଙ୍କର ଖିଲାଫତ୍ ସହିତ ଏବଂ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ସହିତ ବିଶ୍ୱସ୍ତତା ଏବଂ ଶ୍ରଦ୍ଧା ଏବଂ ମିତ୍ରତାର ସଂପର୍କ ବଢି ଚାଲିଛି ଏବଂ କାହିଁକି ବା ନ ବଢ଼ିବ । କାରଣ ତାହା ଆଁହଜ଼ରତ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଅଟେ । ହୁଜୁର୍ ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ଘଟଣାବଳୀ ଆପଣମାନଙ୍କ ଆଗରେ ଉପସ୍ଥାପିତ କରିବି ।

ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଅସୁସ୍ଥ ଦିନର ଘଟଣା ସଂପର୍କରେ ଏଡ଼ିଟର ସାହେବ୍ ବଦର୍ ଉଲ୍ଲେଖ କରନ୍ତି ଯେ, ଏହି ଦିନ ମାନଙ୍କରେ ଖୁଦ୍ଦାମଙ୍କର ରୋଗୀ ପରିଦର୍ଶନର ପତ୍ର ଅଧିକ ସଂଖ୍ୟକ ଆସୁଛି ଏବଂ ସେହି ପତ୍ର ପ୍ରେରକଙ୍କ ପାଇଁ ହଜ଼ରତ ଖଲିଫତୁଲ୍ ମସିହ୍ ଅୱଲ କହିଲେ କି ମୁଁ ସେହି ସମସ୍ତ ପତ୍ର ପ୍ରେରକଙ୍କ ପାଇଁ ଦୁଆ କରୁଛି ଯେଉଁମାନେ ମୋର ଅସୁସ୍ଥତା ଯୋଗୁଁ ମୋତେ ପତ୍ର ଲେଖିଛନ୍ତି । ଏଡ଼ିଟର ମହୋଦୟ ଉଲ୍ଲେଖ କରନ୍ତି ଯେ, ଖଲିଫା ପ୍ରେମୀମାନେ ଅତ୍ୟନ୍ତ ବିଚିତ୍ର ଢଙ୍ଗରେ ନିଜର ପ୍ରେମର ପରିପ୍ରକାଶ କରୁଛନ୍ତି । ହକିମ୍ ମୁହମ୍ମଦ୍ ହୁସୈନ୍ ସାହେବ୍ କୁରୈଶୀ ଉଲ୍ଲେଖ କରନ୍ତି ଯେ, ମୁଁ ଦିନେ ଅଲ୍ଲାଃତାଲାଙ୍କ ନିକଟରେ ଗୁହାରି କରିଥିଲି ଯେ, ହେ ଈଶ୍ୱର ! ହଜ଼ରତ୍ ନୁହ୍ ଅ.ସଙ୍କ ଜୀବନର ଆବଶ୍ୟକତା ତ' ସୀମିତ ସ୍ଥାନ ପାଇଁ ଥିଲା ଏବଂ ବର୍ତ୍ତମାନ ଯେଉଁ ଆବଶ୍ୟକତା ଅନୁଭୂତ ହେଉଛି ସେ ସଂକ୍ରାନ୍ତରେ କେବଳ ଆପଣ ହିଁ ଜାଣନ୍ତି । ତେଣୁ ଆପଣ ଆମମାନଙ୍କର ନିବେଦନକୁ ସ୍ୱୀକାର କରନ୍ତୁ ଏବଂ ଆମର ଇମାମ୍‌ଙ୍କୁ ନୁହ୍ ଅ.ସଙ୍କ ପରି ଦୀର୍ଘାୟୁ କରନ୍ତୁ ।

୧୯୨୪ ମସିହାରେ ହଜ଼ରତ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାଳରେ, ଯେତେବେଳେ ହଜ଼ରତ୍ ଖଲିଫତୁଲ୍ ମସିହ୍ ସାନି ର.ଅ ୟୁରୋପ ଗସ୍ତରେ ଆସିଥିଲେ । ସେହି ସାମୟିକ ବିରହ ମଧ୍ୟ ଜମାଅତ୍‌ର ସଦସ୍ୟଙ୍କୁ ଅସ୍ତବ୍ୟସ୍ତ କରିପକାଇ ଥିଲା । ଏହି ଗୋଟିଏ ବର୍ଣ୍ଣନାରୁ ଏହାର ଆକଳନ କରାଯାଇ ପାରିବ । ବାବୁ ସିରାଜ୍ ଦ୍ଦୀନ୍ ନାମକ ଜଣେ ଷ୍ଟେସନ ମାଷ୍ଟର ଉଲ୍ଲେଖ କରନ୍ତି ଯେ, ମୋର ମୁନୀବ ! ଆମେମାନେ ଦୂରରେ ଅଛୁ ଏବଂ ଉପାୟ ଶୂନ୍ୟ ଅଟୁ, ଯଦି ଏହା ସମ୍ଭବ ହୋଇପାରି ଥାଆନ୍ତା ତେବେ ଆମେମାନେ ହୁଜୁରଙ୍କ ପାଦ ଧୂଳି ହୋଇ ଯାଇଥାଆନ୍ତୁ । ଯେପରି ଆମେମାନେ ବିରହର ଆଘାତ ନ ସହ୍ୟ କରି ଥାଆନ୍ତୁ । ମୁନୀବ ! ମୁଁ ଚାରି ବର୍ଷ ହେଲା କ଼ାଦିୟାନ୍ ଦାରୁଲ୍ ଅମାନ୍ ଯାଇ ନାହିଁ । କିନ୍ତୁ ମନକୁ ସାନ୍ତ୍ୱନା ଦେଉଥିଲି ଯେ, ଯେତେ ବେଳେ ବି ଚାହିଁବି ହୁଜୁର୍ ର.ଅଙ୍କର ପାଦକୁ ଚୁମ୍ବନ କରିଦେବି । କିନ୍ତୁ ବର୍ତ୍ତମାନ ଗୋଟିଏ ଦିନ ବି ହୁଜୁର ର.ଅଙ୍କ ବିନା ଜୀବନ ବିତାଇବା ଦୁର୍ବିସହ ହୋଇ ପଡ଼ିଛି । ପବିତ୍ରମୟ ଅଲ୍ଲାଃତାଲା ହୁଜୁର୍ ର.ଅଙ୍କୁ କଲ୍ୟାଣ ଏବଂ ସୁରକ୍ଷାର ସହିତ, ବିଜୟୀଭବ ଓ ସଫଳତାପୂର୍ବକ ଶୀଘ୍ର (ନିଜ ଭିଟା ମାଟିକୁ) ଫେରାଇ ଆଣନ୍ତୁ ।

ଯେତେବେଳେ ତୃତୀୟ ଖିଲାଫତ୍‌ର ସମୟ ଆସିଲା ସେତେବେଳେ ଆମେରିକାର ଷିଷ୍ଟର ନଈମା ଲତିଫ୍ ନାମକ ଜଣେ ଭଦ୍ର ମହିଳା ଥିଲେ । ତାଙ୍କୁ ଖିଲାଫତ୍ ଏବଂ ଖଲିଫାଙ୍କ ସହ ଏତେ ପ୍ରେମ ଥିଲା କି ସେ ଖଲିଫାଙ୍କର ଆଜ୍ଞାନୁବର୍ତ୍ତିତାକୁ ସର୍ବାଦୌ କର୍ତ୍ତବ୍ୟ ବୋଲି ମଣୁଥିଲେ । ହଜ଼ରତ୍ ଖଲିଫତୁଲ୍ ମସିହ୍ ତୃତୀୟ ର.ଅଙ୍କର ଆମେରିକା ଗସ୍ତ ସମୟରେ ଏକ ବିଶ୍ୱବିଦ୍ୟାଳୟରେ ପରଦାର ମହତ୍ୱ ସମ୍ବନ୍ଧରେ ତୃତୀୟ ଖଲିଫାଙ୍କର ଉଦ୍‌ବୋଧନ ଶୁଣି ସେହି ସମୟରେ ହିଁ ହିଜାବ୍ ନେଇ ନେଲେ ଏବଂ ଏହି ଆଧୁନିକ ଯୁଗରେ ସେ ନିଜ ଅଞ୍ଚଳରେ ଏକମାତ୍ର ମହିଳା ଥିଲେ ଯିଏ ଇସ୍‌ଲାମୀୟ ପରଦାରେ ଦୃଶ୍ୟମାନ ହେଉଥିଲେ । ତାଙ୍କ ମନରେ ଖିଲଫାଙ୍କ ପ୍ରତି ଅତି ପ୍ରବଳ ଅନୁରାଗ ରହିଥିଲା ଯେ, ଏହା ଖଲିଫାଙ୍କର ଆଦେଶ । ତେଣୁ ମୁଁ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିବି । ଖଲିଫାଙ୍କ ସହିତ ଏକ ସଂପର୍କ ଅଟେ ଏବଂ ଏହି ସଂପର୍କକୁ ନିଭାଇବାକୁ ପଡ଼ିବ ଏବଂ ମୁଁ ବୈଅତ୍ କରିଅଛି. ତେଣୁ ମୁଁ ଉକ୍ତ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବି ।

ବାଗଡ଼୍ ସର୍ ଗାନାର ସମ୍ମାନନୀୟ ମୁଖ୍‌ତାର୍ ଅହେମଦ୍ ସାହେବ୍ ନାମକ ଜଣେ ନୈଷ୍ଠିକ ଅହେମଦି ଥିଲେ । ୧୯୭୪ ମସିହାର ପରିସ୍ଥିତିରେ ବିରୋଧୀମାନେ ଆପଣଙ୍କୁ ସ୍ୱାଧୀନ ଭାବରେ ବଞ୍ଚି ରହିବା ମାର୍ଗକୁ ସଂକୁଚିତ କରି ଦେଇଥିଲେ । ହୁଜୁର୍ ର.ଅଙ୍କ ଉତ୍ସାହପୂର୍ଣ୍ଣ ଦାଇ ଇଲଲ୍ଲାଃ ହେବା ଯୋଗୁଁ ତାଙ୍କ ଜାତି ଭାଇମାନେ ମଧ୍ୟ ଘୋର ଶତ୍ରୁତା ବା ବିରୋଧ ପ୍ରଦର୍ଶନ କରିଥିଲେ ଏବଂ ସଂପୂର୍ଣ୍ଣ ରୂପେ ବାସନ୍ଦ କରିଥିଲେ । ବାଗଡ଼୍ ସର୍ ଗାନାର ଜମିକୁ ବିକ୍ରି କରି ରବୱାର ପରିବେଶରେ ଏକ ସ୍ଥାନ ଠିକାରେ ନେଇଁ ସେଥିରେ ଚାଷ ଆରମ୍ଭ କରି ଦେଲେ । ଯେତେବେଳେ ହଜ଼ରତ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ସହିତ ମୋର ସାକ୍ଷାତ୍ ହେଲା ଏବଂ ମୁଁ ଉକ୍ତ ଘଟଣା ସଂପର୍କରେ ହୁଜୁର ର.ଅଙ୍କୁ କହିଲି ସେତେବେଳେ ହୁଜୁର ର.ଅ ତାହାକୁ ନାପସନ୍ଦ କଲେ ଏବଂ କହିଲେ ତୁମେ ଭିଟା ମାଟିକୁ ଛାଡ଼ିବାର ନଥିଲା । ହୁଜୁର ର.ଅଙ୍କ ଉକ୍ତ ଆଦେଶ ଉପରେ ସେ ଯଥାଶୀଘ୍ର ଅନୁସରଣ କଲେ ଏବଂ ଜମି ମାଲିକ ଠାରୁ ଭଡ଼ାର ଟଙ୍କା ଫେରସ୍ତ କରିବା ପାଇଁ ନିବେଦନ କଲେ । ସେହି ଜମି ମାଲିକ ଟଙ୍କା ଫେରାଇବାକୁ ମନା କରିଦେବାରୁ ସେ ପାଖାପାଖି ଅମଳ ହେବାକୁ ଥିବା ଫସଲ୍ ଏବଂ ଠିକାର ଟଙ୍କା ନ ନେଇ ସେଠାରୁ ନିଜ ଭିଟାମାଟିକୁ ଫେରି ଆସିଲେ ଏବଂ ନିଜର ଜନ୍ମ ଭୂମି ବାଗଡ଼୍ ସର୍ ଗାନାକୁ ଆସିଗଲେ ଏବଂ ଚେଷ୍ଟା କରି ନିଜ ବିକ୍ରୟ କରି ଆସିଥିବା ଜମିକୁ ଉଚ୍ଚ ମୂଲ୍ୟରେ କ୍ରୟ କରିନେଲେ ଏବଂ ପୁନଶ୍ଚ ହଜ଼ରତ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ହୁଜୁର୍ ! ମୁଁ ଆପଣଙ୍କ ଆଦେଶ ପାଳନ କରିଛି ଏବଂ ସେହି ଜମିକୁ କିଣି ନେଇଛି । ଏହି କଥା ଶୁଣି ହୁଜୁର ର.ଅ ମଧ୍ୟ ପ୍ରସନ୍ନ ହୋଇଥିଲେ ଏବଂ ମେହେର୍ ସାହେବ୍ ମଧ୍ୟ ଉକ୍ତ କଥା ପାଇଁ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ ।

ଏହାପରେ ହଜ଼ରତ୍ ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଯୁଗ ଆସିଲା । ହୁଜୁର୍ ଅ.ବ କହନ୍ତି ଯେ, ଆଫ୍ରିକାରେ ଯେଉଁ ବିଶାଳ ପରିବର୍ତ୍ତନ ସୃଷ୍ଟି ହୋଇଛି, ତାହା ପୁରୁଣା ୱାକ୍‌ଫିନ୍‌ଙ୍କ ତ୍ୟାଗ ଯୋଗୁଁ ହିଁ ସୃଷ୍ଟି ହୋଇଥିଲା ଏବଂ ଏହାର କଳନା ସେଠିକାର ଜମାଅତ୍ ମଧ୍ୟ ଚିନ୍ତା କରିପାରୁ ନଥିଲା ଯେ, ଦେଶରେ କେଉଁଭଳି ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି ହୋଇଛି । କେତେକ ଅହେମଦି ଏବଂ ବଡ଼ ବଡ଼ ଅଭିଜ୍ଞ ବ୍ୟକ୍ତି

ତଥା ନିଜ ନିଜ ଦେଶରେ ପ୍ରଭାବଶାଳୀ ବ୍ୟକ୍ତିମାନେ ମୋତେ କହିଲେ ଯେ, ଆମେ ମଧ୍ୟ ଜାଣି ନଥିଲୁ ଯେ, ଆମମାନଙ୍କର ଜାତିର ଲୋକେ ଅହେମଦିୟତ୍ ସଂପ୍ରଦାୟକୁ ପ୍ରେମ ଏବଂ ସହଯୋଗରେ ଏତେ ଆଗକୁ ବଢି ଯିବେ ଏବଂ ବର୍ତ୍ତମାନ ଏମାନେ ଅହେମଦିୟତ୍‌ର ବାର୍ତ୍ତା ପ୍ରଚାର ପ୍ରସାର କରିବାରେ ବେଶ୍ ଭଳ ଭାବରେ ନିଜକୁ ପ୍ରସ୍ତୁତ କରି ଦେଇଛନ୍ତି । ସୁତରାଂ ଜଣେ ବ୍ୟକ୍ତି କହିଲେ ଯେ, ମୋ ଶଙ୍କା ଏବଂ ଭ୍ରାନ୍ତିରେ ମଧ୍ୟ ନଥିଲା ଯେ, ଆମ ଜାତିକୁ କୌଣସି ଜମାଅତ୍ ଅହେମଦିୟାକ ଖଲିଫାଙ୍କର ଏଭଳି ସେବା କରିବାର ସୁଯୋଗ ପ୍ରାପ୍ତ ହେବ ଏବଂ ଏପରି ପ୍ରେମର ପରିପ୍ରକାଶର ସୁଯୋଗ ପ୍ରାପ୍ତ ହେବ । ମୋ କଳ୍ପନାରେ ମଧ୍ୟ ଉକ୍ତ କଥା ନଥିଲା । ସେ କହିଲେ କି ମୁଁ ଯାହା କିଛି ଏଠାରେ ଦେଖିଅଛି, ଏଠିକାର ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଏପରି ହେଉଥିବାର ଦେଖିଥିଲି ଏବଂ ତାହା ପୁଣି ସାଂସାରିକ ଦୃଷ୍ଟିକୋଣରୁ ହୋଇଥାଏ । ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ସହିତ ଏପରି ବ୍ୟବହାର ପ୍ରଦର୍ଶନ ହେଉଥିବାର ଦେଖି ନାହୁଁ ଏବଂ ଏହା ମଧ୍ୟ ଯେ, ଏଥିରେ ଆମ ଜମାଅତ୍‌ର ପ୍ରଚେଷ୍ଟାର କୌଣସି ହସ୍ତକ୍ଷେପ ନାହିଁ । ଯାହା କିଛି ବି ହେଉଛି ତାହା ଅଦୃଷ୍ଟ ଶକ୍ତିଙ୍କ ଦ୍ୱାରା ସମ୍ପାଦିତ ହେଉଛି ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ହେଉଛି । ତେବେ ସେ ଯାହା ହେଉ ନା କାହିଁକି ଏହି ସମସ୍ତ କଥାଗୁଡ଼ିକ ହେଉଛି ଅଲ୍ଲାଃତାଲାଙ୍କ ଲୀଳା ।

ହୁଜୁର ଅନଓ୍ୱର୍ ଅ.ବ କହିଲେ: ବର୍ତ୍ତମାନ ମୋର ସାଂପ୍ରତିକ ଯୁଗର କଥା ଅଛି । ଯେତେବେଳେ ମୁଁ ନାଇଜିରିୟାରେ ଗସ୍ତ କରିଥିଲି । ସେହି ଗସ୍ତଟି ଦୁଇ ଦିନର ଥିଲା । ପ୍ରଥମେ ତ' ଏହି ସ୍ଥାନଟି କାର୍ଯ୍ୟକ୍ରମର ଅଂଶ ନଥିଲା କିନ୍ତୁ ସଂଯୋଗ ବଶତଃ ଏବଂ ବାଧ୍ୟତା ଯୋଗୁଁ କାର୍ଯ୍ୟକ୍ରମର ଅଂଶ ହୋଇଗଲା । କାରଣ ସେହି ଠାରୁ ଫ୍ଲାଇଟ୍ ସେବା ଉପଲବ୍ଧ ନଥିଲା । କିନ୍ତୁ ସେଠାକୁ ଯାଇ ଏହା ପ୍ରତିତ ହେଲା ଯେ, ଏଠାକୁ ଆସିବା ଅତ୍ୟନ୍ତ ଆବଶ୍ୟକ ଥିଲା । ନ ଆସିଥିଲେ ସଦେବ ପାଇଁ ଅବଶୋଷ ରହିଯାଇ ଥାଆନ୍ତା । ମୁଁ ଏହା ଚିନ୍ତା କରି ନଥିଲି ଯେ, ମୋର ସେଠାକୁ ଯିବା ମାତ୍ରେ ସେଠାରେ ଦୂର ଦୂରାନ୍ତରୁ ଲୋକମାନେ ଏକତ୍ରିତ ହୋଇଯିବେ । କିନ୍ତୁ ମାତ୍ର ଦୁଇ ଘଣ୍ଟା ପାଇଁ ସେହି ଅହେମିଦିମାନେ ମୋତେ ସାକ୍ଷାତ୍ କରିବାକୁ ଆସିଲେ ଏବଂ ୩୦,୦୦୦ ପାଖାପାଖି ମହିଳା ଓ ପୁରୁଷ ଏକତ୍ରିତ ହୋଇଗଲେ ଏବଂ ସେମାନଙ୍କର ଯେଉଁ ନିଷ୍ଠା ଏବଂ ବିଶ୍ୱସ୍ତତାର ଦୃଶ୍ୟ ରହିଥିଲା ଯାହାକୁ ଆମେମାନେ ଦେଖିଥିଲୁ ତାହା ଅବର୍ଣ୍ଣନୀୟ ଥିଲା। ଖିଲାଫତ୍ ସହିତ ବିଶ୍ୱସ୍ତତା ସଂପର୍କ ଏବଂ ଯେଉଁ ପ୍ରେମ ରହିଛି ତାହା ଅବର୍ଣ୍ଣନୀୟ ଅଟେ । ସେହି ଲୋକମାନେ ଯେଉଁମାନେ ଖଲିଫାଙ୍କୁ କେବେ ବି ଦେଖି ନଥିଲେ । କିନ୍ତୁ ଯେତେବେଳେ ସେମାନେ ସାକ୍ଷାତ୍ ଖଲିଫାଙ୍କୁ ଦେଖିଲେ ସେତେବେଳେ ସେମାନେ ଏଭଳି ଭାବ ପ୍ରକାଶ କଲେ ଯେ, ଯାହାକୁ ଦେଖି ମନୁଷ୍ୟ ଅଶ୍ଚର୍ଯ୍ୟଚକିତ ହୋଇଯିବ । ପ୍ରତ୍ୟାବର୍ତ୍ତନ ସମୟରେ ଦୁଆରେ କେତେକ ମହିଳା ଓ ଲୋକମାନେ ଏତେ ଭାବପ୍ରବଣ ହୋଇଯାଇଥିଲେ ଏବଂ ଏଭଳି ବ୍ୟାକୁଳିତ ହୋଇ ପଡ଼ିଥିଲେ ଯେ, ଯାହାକୁ ଦେଖି ମଣିଷ ଆଶ୍ଚର୍ଯ୍ୟଚକିତ ହୋଇଯିବ ଏବଂ ଏହି ପ୍ରେମ କେବଳ ଅଲ୍ଲାଃତାଲା ହିଁ ସୃଷ୍ଟି କରିପାରିନ୍ତି ଏବଂ ଅଲ୍ଲାଃତାଲାଙ୍କ ପାଇଁ ହିଁ ଏହିଭଳି ପ୍ରେମ ହୋଇପାରିବ । ମୋଲବୀମାନେ କହନ୍ତି ଯେ, ଆମେମାନେ ଆଫ୍ରିକାର ଅମକ ଦେଶରେ ଜମାଅତ୍‌ର ମିଶନ୍ ବନ୍ଦ କରି ଦେଇଛୁ ଏବଂ ଅମକ ପ୍ରଶାସନିକ ଅଧିକାରୀଙ୍କ

ସହିତ ଆମେମାନେ କଥା ହୋଇଛେ ଯେ, ମିଶନ ବନ୍ଦ ହୋଇଯିବ ଏବଂ ଏହା କରିଦେଲୁ ତାହା କରିଦେଲୁ। ସେମାନେ ଢିଣ୍ଡିମ ପିଟନ୍ତି । କିନ୍ତୁ ସେମାନଙ୍କୁ କେହି ଯାଇ ପଚାରୁ ଯେ, ଏହି ନିଷ୍ଠା ଏବଂ ବିଶ୍ୱସ୍ତତା ଯାହାକି ସେଠିକାର ଲୋକମାନେ ପ୍ରଦର୍ଶ କରୁଛନ୍ତି ଏବଂ ଏହି ଚେହେରା ଯାହାକୁ ଏମ.ଟି.ଏ ଦେଖାଉଛି ଏବଂ ଆମେମାନେ ପୁଣି ସେଠାକୁ ଯାଇ ଏହିଭଳି ଦୃଶ୍ୟ ଦେଖିବାକୁ ପାଉ ଯେ, ଏସବୁ କ'ଣ ? କ'ଣ ଏହା ମିଶନ ବନ୍ଦ କରିବାର ପରିଣତି ? ସେ ଯାହା ହେଉ ନା କାହିଁକି ସେମାନେ ତ' ନିଜର ଢିଣ୍ଡିମ ପିଟୁଥିବେ । କିନ୍ତୁ ଏହି କଥାଗୁଡ଼ିକ ଆମ ବିଶ୍ୱାସକୁ ଆହୁରି ସୁଦୃଢ କରିଥାଏ ଏବଂ ଏଥିରେ ଆଧିକ୍ୟତାର କାରଣ ହୋଇଥାଏ । ଯୁବକ ହୁଅନ୍ତୁ, ପିଲାମାନେ ହୁଅନ୍ତୁ, ମହିଳାମାନେ ହୁଅନ୍ତୁ ଅବା ପୃଥିବୀର ଯେକୌଣସି ସ୍ଥାନ ହେଉ ନା କାହିଁକି, ସେ କାନାଡ଼ା ହେଉ କିମ୍ବା ୟୁରୋପ ହେଉ କିମ୍ବା ଅନ୍ୟ କୌଣସି ରାଷ୍ଟ୍ର ହେଉ ସବୁ ସ୍ଥାନରେ ନିଷ୍ଠା ଏବଂ ବିଶ୍ୱସ୍ତତାର ଉଦାହରଣ ଲୋକମାନେ ପ୍ରଦର୍ଶନ କରୁଛନ୍ତି। ତେଣୁ ଏହି ନିଷ୍ଠା ଏବଂ ବିଶ୍ୱସ୍ତତା କୌଣସି ମନୁଷ୍ୟକୃତ ଚେଷ୍ଟା ଦ୍ୱାରା ସୃଷ୍ଟି କରାଯାଇ ପାରିବ ନାହିଁ ।

ହୁଜୁର୍ ଅନୱର୍ ଅ.ବ କହିଲେ: ସେ ଯାହାହେଉ ନା କାହିଁକି ଏହା ହେଉଛି କେତେକ ଉଦାହରଣ ଯାହାକୁ ମୁଁ ଆପଣଙ୍କ ଆଗରେ ଉପସ୍ଥାପିତ କରିଛି ଯାହାକି ଏହା ସ୍ୱଷ୍ଟ କରୁଛି ଯେ, ନିଷ୍ଠା ଏବଂ ବିଶ୍ୱସ୍ତତାର ସଂପର୍କ ଅଲ୍ଲାଃତାଲା ସୃଷ୍ଟି କରିଥାନ୍ତି ଏବଂ ଏହାକୁ ସଂସାରର କୌଣସି ଶକ୍ତି ଛଡ଼ାଇ ନେଇ ପାରିବ ନାହିଁ । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଥିଲେ ଯେ, ଅଲ୍ଲାଃତାଲାଙ୍କର ପ୍ରତିଶୃତିକୁ ତୁମେମାନେ ପୂର୍ଣ୍ଣ ହେଉଥିବାର ଲକ୍ଷ୍ୟ କରିବାକୁ ଐଶ୍ୱର୍ଯ୍ୟମୟ ପ୍ରଭୁ ଆମମାନଙ୍କୁ ଜୀବନରେ ଏହା ଅଧିକରୁ ଅଧିକ ଅବଲୋକନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଖୁତ୍‌ବାର ଶେଷାର୍ଦ୍ଧରେ ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ୨୭ ମେ ରୁ ଖିଲାଫତ୍ ଦିବସ ଅବସରରେ ଏମ୍.ଟି.ଏ ଏକ ନୂତନ ସଂସ୍କରଣ ଏବଂ ନୂଆ ରୂପରେ ବିଭିନ୍ନ ଆଞ୍ଚଳିକତାକୁ ଦୃଷ୍ଟିରେ ରଖି ଏମ୍. ଟି.ଏକୁ ଆଠଟି ଚ୍ୟାନେଲ୍‌ରେ ବିଭକ୍ତ କରାଯାଇଛି । ସେ ଯାହା ହେଉ ନା କାହିଁକି ଏ ଯେଉଁ ବ୍ୟବସ୍ଥା ହୋଇଛି ଅର୍ଥାତ୍ ଏମ.ଟି.ଏର ଅଲ୍ଲାଃତାଲା ତହିଁରେ ବରକତ୍ ଓ ଆଶିଷ ପ୍ରଦାନ କରନ୍ତୁ ଏବଂ ପୂର୍ବପେକ୍ଷା ଆହୁରି ଅଧିକ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତା ପହଞ୍ଚାଇବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

......................................

KHULASA KHUTBA JUMA HUZOOR ANWAR a.b.a

29Th MAY 2020

.........................